## କୃଷି ସୂଚନା ସେବା (ଧାନ)
## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ଅପ୍ରେଲ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛ ଭଲଭାବରେ ବାଛିଦିଅନ୍ତୁ ।

- ବର୍ତ୍ତମାନ ଅବସ୍ଥାରେ ଗନ୍ଧିପୋକ(ଫୁଲ ଉଡାଇବା ସମୟରେ) ବା ପାଚିଲା ଧାନରେ କେଣ୍ଡାକଟା ସଂବାଲୁଆ ଦେଖାଦେଇପାରନ୍ତି । ଗନ୍ଧିପୋକର ଆର୍ଥିକଦେହଳୀ ସୀମା ହେଲା ବର୍ଗମିଟର ପିଛା ୨-୪ଟି ପୋକ ପ୍ରତି ଜାଲିବୁଲାରେ । ଏହାର ସଂଖ୍ୟା ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ହେଲା ତେବେ ନିମ୍ନଲିଖିତ କୀଟନାଶକ ଔଷଧ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

  **ଗନ୍ଧିପୋକ**

  ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର କିମ୍ବା
  ମାଲାଥିଅନ୍ ୫ ଡି ୧୦ କି.ଗ୍ରା. ପ୍ରତି ଏକର । ଏହି ଗୁଣ୍ଡକୁ ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ ।

  **କେଣ୍ଡା କଟା ସଂବାଲୁଆ**

  କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର

- ଯେତେବେଳେ ଶତକଡ଼ା ୮୦ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ ନଚେତ୍, ଡାଲୁଅ ଧାନରେ ଧାନ ଝଡିଯିବାର ସମ୍ଭାବନା ଅଧିକ ଥାଏ ।

- ଧାନ ସାଇତି ରଖିବା ପାଇଁ ସୁଖାଇବା ସମୟରେ ଆର୍ଦ୍ରତା ଶତକଡ଼ା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।

- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ, ସେଠାରେ ଖରାଟିଆ ପ୍ରଥମ ଚଷ ପତ୍ରମୋଡା ଲଙ୍ଗଳରେ କରିଦିଅନ୍ତୁ ।

******